ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୫୦

ବୁଲେଟିନ ନମ୍ବର :୧୦୦
ତାରିଖ : ୧୭.୧୨.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୦.୧୨.୨୦୨୫ ରୁ ୧୬.୧୨.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୬.୮-୨୭.୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୧.୦-୧୩.୦ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୧.୧୨.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 17-12-2025 | 0 | 24 | 9 | 2 | 78 | 29 | 3 | 352 |
| 18-12-2025 | 0 | 24 | 9 | 0 | 71 | 22 | 5 | 321 |
| 19-12-2025 | 0 | 24 | 10 | 0 | 64 | 23 | 4 | 329 |
| 20-12-2025 | 0 | 24 | 10 | 0 | 69 | 25 | 6 | 310 |
| 21-12-2025 | 0 | 24 | 10 | 1 | 77 | 26 | 5 | 315 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ବର୍ଷା ନାହିଁ । ଆକାଶ ପରିଷ୍କାରରୁ ମୁଖ୍ୟତଃ ପରିଷ୍କାର ରହିବ । ଆଗାମୀ ୫ଦିନ ପବନ ୦୩-୦୬ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୪ ଡି.ସେ. ଓ ସର୍ବନିମ୍ନ ତାପମାତ୍ରା ୦୯-୧୦ ଡି.ସେ. ମଧରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୪ ରୁ ୭୭ ପ୍ରତିଶତ ମଧରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୨-୨୯ ପ୍ରତିଶତ ମଧରେ ରହିବ ।

**ଚେତାବନୀ:** କୌଣସି ଚେତାବନୀ ନାହିଁ ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଆଗାମୀ ୫ ଦିନ ଶୁଖିଲା ପାଗ ଥିବାରୁ ଚାଷୀ ଭାଇ ମାନେ ବର୍ତମାନ ବୁଣିଥିବା ରବି ଫସଲ ଓ ଛୋଟ ଚାରା ଗଛରେ ଜଳସେଚନ କରନ୍ତୁ ।
- ଘାସ ନିୟନ୍ତ୍ରଣ ଏବଂ ଉତ୍ତମ ବାୟୁ ଚଳାଚଳ କରିବା ପାଇଁ ବନ୍ଧାକୋବି ଏବଂ ଫୁଲକୋବିରେ କୋଡା ଖୋସା କରନ୍ତୁ ।
- ବାଇଗଣ, ଟମାଟୋ ଏବଂ ଲଙ୍କା ପରି ଶୀତଦିନିଆ ପନିପରିବାରେ ଘାସ ବାଛି ହୁଡା ଟେକନ୍ତୁ ।
- ଆଗାମୀ ୫ଦିନ ରାତ୍ରି ତାପମାତ୍ରାରେ କମି ଓ କୁହୁଡିଆ ପାଗ ଯୋଗୁଁ ପନିପରିବାରେ ଜଉ, ଉକୁଣିଆ, ଅଷ୍ଟପଦୀ କୀଟ ଓ ପାଉଁଶିଆ, ଉଛୁର ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ଅଛି ତେଣୁ ଏହାର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ବୁଣିବା ପୂର୍ବ ଅବସ୍ଥା | • କିସମ ଚୟନ- ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମନସ୍ୱିନୀ, ଡି.ଆର.ଆର -୪୪, ବୀଣା-୧୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧ ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ। |
| ଆଖୁ | ଲଗାଇବା ଅବସ୍ଥା | • ଆମ ରାଜ୍ୟ ଜଳବାୟୁ ଅନୁସାରେ ଡିସେମ୍ବରରୁ ଫେବୃୟାରୀ ମାସ ଆଖୁ ଲଗାଇବାର ଉପଯୁକ୍ତ ସମୟ। ନିଗିଡା, ନିଶ୍ଚିତ ଜଳସେଚନ ସୁବିଧା ଥିବା ଜମିରେ ଆଖୁ ଲଗାନ୍ତୁ । |
| ବିରି ଓ ମୁଗ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନର ମେଘୁଆ ଓ କୋହଲା ପାଗରେ ବିରି ଓ ମୁଗ ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଜୈବିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଟ୍ରାଇକୋଡର୍ମା ଭିରିଡି ୫% ଏଲ ରୁ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୨୦୦ ଗ୍ରାମ ଟ୍ରାୟାଡିମେଫୋନ କିମ୍ବା ୧୦୦ ମିଲି ପେନକୋନାଜୋଲ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

| | | |
|---|---|---|
| ରାଶି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ରାଶି ଫସଲରେ ପତ୍ର ଚିତା ରୋଗର ପ୍ରତିକାର କରିବା ପାଇଁ ଏକର ପ୍ରତି ୪୦୦ଗ୍ରାମ କପର ଅକ୍ସିକ୍ଲୋରାଇଡ୍ କିମ୍ବା ୬୦୦ ଗ୍ରାମ ମଙ୍କୋଜେବ କିମ୍ବା ୨୦୦ଗ୍ରାମ ହେକ୍ସାକୋନାଜୋଲ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନର ମେଘୁଆ ଓ କୋହଲା ପାଗ ଯୋଗୁଁ ଚିନାବାଦାମ ଫସଲରେ ଜଉ ପୋକ ଅଧିକ ଦେଖାଯାଇଥାଏ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ପିପିଏମ Azadirachtinକୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଏକର ପ୍ରତି ୮ଟି ଲେଖାଏଁ ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ । ଏକର ପ୍ରତି ୧-୨ଟି ଟ୍ରାଇକୋଗ୍ରାମା ଚିଲୋନିସ କାର୍ଡ ମଧ ପ୍ରତି ସପ୍ତାହ ଅନ୍ତରରେ ବ୍ୟବହାର କରି ପାରିବେ । କାର୍ଡ ଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି ୧୨ଟି ସ୍ଥାନରେ ଲଗାନ୍ତୁ ।<br>• ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା  ପାଇଁ ଏକର ପ୍ରତି ୪୦ଗ୍ରାମ Thiamethoxam କିମ୍ବା ୮୦ ଗ୍ରାମ Emamectin Benzoate, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ସୋରିଷ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ ସମୟରେ ସୋରିଷ ଫସଲରେ କରତିଆ ମାଛି ଲାଗିବାର ସମ୍ଭାବନା ଅଛି । ପରିଚାଳନା ପାଇଁ ଅଙ୍ଗୀୟ ବୃଦ୍ଧି ଅବସ୍ଥାରେ ଜଳସେଚନ କରନ୍ତୁ । ଭୃଙ୍ଗ ପୋକ ଗୁଡିକୁ ହାତରେ ସଂଗ୍ରହ କରି ସକଳ ଓ ସନ୍ଧ୍ୟା ସମୟରେ ମାରି ଦିଅନ୍ତୁ ।<br>• ଏହାର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ, 200 ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ମହୁମାଛି ର ଚଳପ୍ରଚଳ ରେ ବାଧା ନଦେବା ପାଇଁ ଅପରାହ୍ଣ ସମୟରେ କିଟନାଶକନ କୁ ପ୍ରୟୋଗ କରନ୍ତୁ। |
| କଖାରୁ ଜାତୀୟ ପନିପରିବା | ଫୁଲ / ଫଳ ଧରିବା ଅବସ୍ଥା | • ବର୍ତମାନ ସମୟରେ କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି Metalaxyl ୮% + Mancozeb ୬୪% W.P @ ୪୦୦ ଗ୍ରାମ କିମ୍ବା Fosetyl -AL ୮୦ % WP @ ୬୦୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଶିମ୍ବ | ଫୁଲ ଆସିବା ଅବସ୍ଥା | • ଶିମ୍ବ ଫସଲରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ହଳଦିଆ ଅଠା ଯନ୍ତା ରଖନ୍ତୁ । ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।<br>• ରାସାୟନିକ ଉପାୟରେ ପରିଚାଳନା  ପାଇଁ ଏକର ପ୍ରତି ୫୦ ଗ୍ରାମ Thiamethoxam କିମ୍ବା ୫୦ଗ୍ରାମ Acetamiprid କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| ପାଳଙ୍ଗ | ମଞ୍ଜି ବୁଣିବା ଅବସ୍ଥା | • ବର୍ତମାନ ପାଳଙ୍ଗ ଚାଷ କରିବା ପାଇଁ ଉପଯୁକ୍ତ ସମୟ । ପାଳଙ୍ଗର କିଛି କିସମ ଗୁଡିକ ହେଲା- ପୁଷା ପାଲକ, ଅଲ ଗ୍ରୀନ, ପୁଷା ଜ୍ୟୋତି, ପୁଷା ହରିତ, କୋମଲ, ପଞ୍ଜାବ ଗ୍ରୀନ ଇତ୍ୟାଦି । ଏକର ପ୍ରତି ୧୦-୧୨କିଗ୍ରା ବିହନ ଆବଶ୍ୟକ ହୋଇଥାଏ । ବୁଣିବାର ୧୦-୧୨ ଘଣ୍ଟା ପୂର୍ବରୁ ମଞ୍ଜିକୁ ପାଣିରେ ବତୁରାଇ ରଖନ୍ତୁ । |
| ରସୁଣ | ଲଗାଇବା ଅବସ୍ଥା | • ବର୍ତ୍ତମାନ ରସୁଣ ରୋପଣ ପାଇଁ ଉପଯୁକ୍ତ ସମୟ । ରସୁଣର କେତେକ କିସମ ମଧରେ ଏଗ୍ରିଫାଉଣ୍ଡ ଧଳା, ଜାମୁନା ସେଫେଦ୍ (ଜି-୧), ଜି-୨୮୨, ଏଗ୍ରିଫାଉଣ୍ଡ ପାର୍ବତୀ (G-୩୨୩) ଇତ୍ୟାଦି । ରସୁଣ ଚାଷ ପାଇଁ ଏକର ପିଛା ୨୦୦-୩୦୦କେଜି ମଞ୍ଜି ଆବଶ୍ୟକ ।ରସୁଣ ମଞ୍ଜିକୁ କିଲୋଗ୍ରାମ ପ୍ରତି କାର୍ବେଣ୍ଡାଜିମ୍ @ ୨ ଗ୍ରାମ ସହିତ ବିଶୋଧନ କରନ୍ତୁ ।<br>• ଧାଡି ମଧରେ ୧୫ ସେମି ଏବଂ ଧାଡି ମଧରେ ୮ ସେମି ବ୍ୟବଧାନ ରସୁଣ ପାଇଁ ସର୍ବୋତ୍ତମ ଅଟେ । |
| ଆଳୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଆଳୁ ଫସଲରେ ସଅଳ ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା ୪୦୦ ଗ୍ରାମ Carbendazim ଓ  Mancozeb ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |
| ବନ୍ଧାକୋବି ଓ ଫୁଲକୋବି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • କୋବି ଜାତୀୟ ପନିପରିବା ଫସଲରେ ଅଲ୍ଟରନାରିଆ ପତ୍ରଦାଗ ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା ୪୦୦ ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| କୁକୁଡା | • ଅଧିକ ଶୀତ ଦାଉରୁ କୁକୁଡା ଚିଆଁରୁ ରକ୍ଷା କରିବା ପାଇଁ କୁକୁଡା ଘରେ କୃତ୍ରିମ ଲାଇଟ ବ୍ୟବସ୍ଥା କରନ୍ତୁ । | |
| ପଶୁ ସମ୍ପଦ | • ପ୍ରବଳ ଶୀତ ସମୟରେ ଗୁହାଳ ଘରର କବାଟ ଝରକା ବନ୍ଦ ରଖନ୍ତୁ ଓ ଫାଙ୍କା ସ୍ଥାନରେ ଅଖା କିମ୍ବା ଝୋଟ ଅଖା ଦ୍ୱାରା ଆଛାଦିକରଣ କରନ୍ତୁ ଯେପରିକି ବାହାର ଥଣ୍ଡା ପବନ ଗୁହାଳ ମଧକୁ ପ୍ରବେଶ କରିପାରିବ ନାହିଁ ।<br>• ଶୀତ ଦିନେ ଗାଈଗୋରୁ ମାନଙ୍କ ଶକ୍ତି ବଢାଇବା ପାଇଁ ଦୈନିକ ଖାଦ୍ୟର ୨୦-୩୦% ଖଣିଜ ମିଶ୍ରଣ ସହ ଲୁଣ, ଗହମ ଓ ଗୁଡ ଗୋଖାଦ୍ୟ ରୂପେ ଦିଅନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)